# NATIONAL NEWS BULLETIN (ODIA)

## 7 July 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହ ଆଜି ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ପ୍ରଯୁକ୍ତିବିଦ୍ୟା ଆଧାରରେ ଦେଶର ସମବାୟ ଇକୋସିଷ୍ଟମ୍ ଅଧିକ ବ୍ୟାପକ ହୋଇଛି, କହିଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ।
- ଓମସ୍କ ସ୍ଥିତ ରୁଷର ସର୍ବବୃହତ ତୈଳ ବିଶୋଧନାଗାର ଉପରେ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରିଛି ୟୁକ୍ରେନ୍ ।
- ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଲେ ସ୍ପେନ୍ ଏବଂ ଇଂଲଣ୍ଡ ।

ଏବଂ

- ଓଡ଼ିଶା ସମେତ ଦେଶର କେତେକ ଅଞ୍ଚଳରେ ଆସନ୍ତା ୪ ଦିନ ମଧ୍ୟରେ ବର୍ଷା ହେବା ନେଇ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ୍ୱ ସୁବିଆନ୍ତୋଙ୍କ ମଧ୍ୟରେ ଆଜି ଦ୍ୱିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ଏଥିସହ ଉଭୟ ଦେଶ ମଧ୍ୟରେ ପ୍ରତିନିଧି ମଣ୍ଡଳୀ ସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଇଣ୍ଡୋନେସିଆ ଗସ୍ତର ଦ୍ୱିତୀୟ ଦିବସରେ ଆଜି ଶ୍ରୀ ମୋଦୀ ରାଷ୍ଟ୍ରପତି ସୁବିଆନ୍ତୋଙ୍କ ଦ୍ୱାରା ଆୟୋଜିତ ଏକ ଭୋଜି ସମାବେଶରେ ଯୋଗଦେବେ । ଶ୍ରୀ ମୋଦୀଙ୍କୁ ଆଜି ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ସେଠାରେ ଅତିଥି ପୁସ୍ତକରରେ ସ୍ୱାକ୍ଷର କରିବେ । ଆଲୋଚନା ଅବସରରେ ଦୁଇ ଦେଶ ମଧ୍ୟରେ କେତେକ କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ଏକ ସମାବେଶରେ ଯୋଗଦେବା ସହ ପ୍ରବାସୀ ଭାରତୀୟଙ୍କ ସହିତ ମତବିନିମୟ କରିବେ । ପାର୍ଲେମେଣ୍ଟ ରିପବ୍ଲିକ୍ ଇଣ୍ଡୋନେସିଆ କମ୍ପ୍ଲେକ୍ସଠାରେ ଶ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ସଂସଦୀୟ ସହଯୋଗ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ବ୍ୟାପକ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବ ।

# ଶାହା

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ସମବାୟ ମନ୍ତ୍ରଣାଳୟ ଏ କ୍ଷେତ୍ରରେ ଜଡ଼ିତ ପ୍ରାୟ ୩୦ କୋଟି ଲୋକଙ୍କ ଜୀବନଧାରଣମାନରେ ଉନ୍ନତି ଆଣିପାରିଛି । ନୂଆଦିଲ୍ଲୀରେ ସମବାୟ ମନ୍ତ୍ରଣାଳୟ ପଞ୍ଚମ ପ୍ରତିଷ୍ଠା ଦିବସ ସମାରୋହରେ ଗତକାଲି ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ୨୦୨୧ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ତ୍ରଣାଳୟ ସମବାୟ ଇକୋସିଷ୍ଟମ୍‌କୁ ଅଧିକ ସଶକ୍ତ କରିପାରିଛି ।

ସମବାୟ କ୍ଷେତ୍ରରେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା ସହିତ ପରିଚାଳନାଗତ ବିକାଶ ଏବଂ ଆହ୍ୱାନ ସମାଧାନ ଦିଗରେ ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ପ୍ରଯୁକ୍ତିବିଦ୍ୟା ଆଧାରରେ ସମବାୟ ଇକୋସିଷ୍ଟମ ବ୍ୟାପକ ହୋଇଛି । ୨୦୪୭ ମସିହାରେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ ଅବସରରେ ସମବାୟ ଆନ୍ଦୋଳନ ଏକ ସମୃଦ୍ଧ ଭାରତର ଦୃଢ଼ ଭିତ୍ତିଭୂମି ଭାବେ କାର୍ଯ୍ୟ କରିବ ।

ଗତ ଦଶନ୍ଧି ମଧ୍ୟରେ ସମବାୟ କ୍ଷେତ୍ର ବ୍ୟାପକ ହେବା ସହ ୩୦ଟି କ୍ଷେତ୍ର ୮ଲକ୍ଷ ୫୮ ହଜାରରୁ ଅଧିକ ସମବାୟ ସମାଜ ଓ ୩୨ କୋଟି ସଦସ୍ୟଙ୍କୁ ନେଇ ଏକ ସମନ୍ୱିତ ଡିଜିଟାଲ୍ ଡାଟାବେଶ୍ ସୃଷ୍ଟି

କରାଯାଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ପ୍ରାଥମିକ କୃଷି କ୍ରେଡିଟ୍ ସମିତି ପ୍ୟାକ୍ସର ଭୂମିକା ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ଏହାର ସାଧାରଣ ସେବା କେନ୍ଦ୍ର ନାଗରିକଙ୍କୁ ୩୦୦ରୁ ଅଧିକ ସେବା ପ୍ରଦାନ କରିବାକୁ ସକ୍ଷମ ହୋଇଛି । ୩୯ ହଜାର ପ୍ୟାକ୍ସ କିଶାନ୍ ସମୃଦ୍ଧି କେନ୍ଦ୍ରରେ ପରିବର୍ତ୍ତିତ ହେବା ସହ ୬୦୦ରୁ ଅଧିକ ପ୍ୟାକ୍ସ ଜନଔଷଧି କେନ୍ଦ୍ର ପରିଚାଳନା କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

## ଗଡ଼କରୀ-ରିଭ୍ୟୁ ମିଟିଂ

ଭବିଷ୍ୟତ ଉପଯୋଗୀ ତଥା ସମନ୍ୱିତ ପରିବହନ ଇକୋସିଷ୍ଟମ୍ ଗଠନ କରିବା ଦିଗରେ ଏହି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକର ରଣନୈତିକ ଗୁରୁତ୍ୱ ଉପରେ ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଲୋକପାତ କରିଛନ୍ତି । ଜାତୀୟ ରାଜପଥ ଗମନାଗମନ ପରିଚାଳନା ଲିମିଟେଡ୍‌ର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଗଡ଼କରୀ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି । ବିଶେଷ କରି ଦେଶ ବ୍ୟାପି ରହିଥିବା ବହୁବିଧ ଲଜିଷ୍ଟିକ୍ସ ପାର୍କ, ରୋପ୍‌ୱେ ଏବଂ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଶ୍ରୀ ଗଡ଼କରୀ ସମୀକ୍ଷା କରିଛନ୍ତି ।

ସେ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ଦେଶ ବ୍ୟାପି ବହୁବିଧ ସଂଯୋଗୀକରଣକୁ ଅଧିକ ସଶକ୍ତ କରିବା ସହିତ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିବ । ଏତଦ୍ ବ୍ୟତୀତ ଏକ ସନ୍ତୁଳିତ ଆଞ୍ଚଳିକ ବିକାଶ ଏବଂ ଭାରତର ସାମଗ୍ରୀକ ଲଜିଷ୍ଟିକ୍ସ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ । ତେବେ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଦିଗରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ଲାଗି ଶ୍ରୀ ଗଡ଼କରୀ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରିବହନ ବ୍ୟବସ୍ଥାରେ ଉନ୍ନତି ଯୋଗୁଁ ଖର୍ଚ୍ଚ ହ୍ରାସ ପାଇବା ସହ ଯାତ୍ରୀଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ସୁବିଧା ସୁଯୋଗ ପ୍ରଦାନ କରାଯାଇପାରିବ ।

## ଜୟଶଙ୍କର-ବାହାରିନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବାହାରିନ୍ ଠାରେ ରାଜା ହମାଦ୍ ବିନ୍ ଇସା ଅଲ୍ ଖଲିଫାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ବିଭିନ୍ନ ପ୍ରସଙ୍ଗରେ ଉଭୟ ପକ୍ଷଙ୍କ ମଧ୍ୟରେ ମତବିନିମୟ ହୋଇଛି । ଚାରି ରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଡକ୍ଟର ଜୟଶଙ୍କର କାତାର୍‌ରୁ ବାହାରି ବାହାରିନ୍‌ରେ ପହଞ୍ଚିଛନ୍ତି । ଗସ୍ତ

ଅବସରରେ ଶ୍ରୀ ଜୟଶଙ୍କର ବାହାରିନ୍‌ରେ ଥିବା ପ୍ରବାସୀ ଭାରତୀୟଙ୍କ ସହ ଭାବବିନିମୟ କରିଛନ୍ତି ।

## ୟୁକ୍ରେନ୍ ଆଟାକ୍

ସାଇବେରିଆ ଅନ୍ତର୍ଗତ ଓମସ୍କ ସ୍ଥିତ ରୁଷର ସର୍ବବୃହତ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ୍ ପକ୍ଷରୁ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରାଯାଇଛି । ୟୁକ୍ରେନ୍ ପକ୍ଷରୁ କରାଯାଇଥିବା ଦୀର୍ଘ ଦୂରତ୍ୱ ଆକ୍ରମଣ ମଧ୍ୟରେ ଏହା ଅନ୍ୟତମ ବୋଲି କିଭ୍‌ର ସାମରିକ ବାହିନୀ କହିଛି । ରୁଷ ମଧ୍ୟ ୟୁକ୍ରେନ୍‌ର ଏଭଳି ଆକ୍ରମଣକୁ ସ୍ୱୀକାର କରିଛି । ଏକ ବିବୃତ୍ତିରେ ୟୁକ୍ରେନ୍‌ର ଜେନେରାଲ୍ ଷ୍ଟାଫ୍ କହିଛନ୍ତି, ୟୁକ୍ରେନ୍ ଅଧିକୃତ ଅଞ୍ଚଳଠାରୁ ପ୍ରାୟ ୨ହଜାର ୭୦୦ କିଲୋମିଟର ଦୂରରେ ଅବସ୍ଥିତ ଏହି ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରାଯାଇଛି । ତେବେ କ୍ଷୟକ୍ଷତି ନେଇ ସ୍ପଷ୍ଟ ସୂଚନା ଏ ପର୍ଯ୍ୟନ୍ତ ମିଳିନାହିଁ ।

## ଟ୍ରାଇବାଲ୍ ମିନିଷ୍ଟ୍ରି-ୱାର୍କସପ୍

ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜିଠାରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ କର୍ମଶାଳା ଆରମ୍ଭ

ହେବ । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଉଦ୍‌ଗାଟନ କରିବେ । କର୍ମଶାଳାରେ ୨୦୦ରୁ ଅଧିକ ଅଂଶିଦାର ଯୋଗଦେବାର ସମ୍ଭାବନା ରହିଛି । ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ ବାରାଣାସୀର ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଟ୍ରାଇବ୍-ଏକ୍ସର ଶୁଭାରମ୍ଭ ସହ ଜନଜାତି କଳା, ସଂସ୍କୃତି, ଭାଷା, ପାରମ୍ପରିକ ଜ୍ଞାନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଦେଶ ବ୍ୟାପି ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟ ସମୀକ୍ଷା ସହ ଜନଜାତି ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ।

## ପୀୟୂଷ ଗୋୟଲ

ଦେଶର ଚମଡ଼ା ଏବଂ ଆନୁସଙ୍ଗୀକ ଜୋତା ଓ ଚପଲ ରପ୍ତାନୀ ପାଖାପାଖି ୪ ଦଶମିକ୍ ୫ ବିଲିୟନ୍ ଡଲାର୍‌ରେ ପହଞ୍ଚି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଏ କ୍ଷେତ୍ରରେ ଅଧିକ ଅଭିବୃଦ୍ଧିର ସମ୍ଭାବନା ରହିଛି । ୩୮ଟି ବିକଶିତ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ରପ୍ତାନୀ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ଗୋୟଲ ଆଶାବ୍ୟକ୍ତ

କରିଛନ୍ତି । ଏହି ଦେଶଗୁଡ଼ିକ ମଧ୍ୟରେ ବ୍ରିଟେନ୍, ଓମାନ୍, ସଂଯୁକ୍ତ ଆରବ ଏମିରେଟ୍ସ ଆଦି ଅନ୍ତର୍ଭୁକ୍ତ । ନୂଆଦିଲ୍ଲୀରେ ଚମଡ଼ା ରପ୍ତାନୀ ପରିଷଦର ଜାତୀୟ ରପ୍ତାନୀ ଉତ୍କର୍ଷତା ପୁରସ୍କାର ୨୦୨୪-୨୫ ସମାରୋହକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଇକ୍ୱେଡର ସମେତ ଅନ୍ୟ କେତେକ ରାଷ୍ଟ୍ର ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

## ପିଓକେ-ପ୍ରୋଟେଷ୍ଟ

ପାକ୍ ଅଧିକୃତ କାଶ୍ମୀର ଅଞ୍ଚଳରେ ରାଜନୈତିକ କାର୍ଯ୍ୟକଳାପ ତୀବ୍ର ହେଉଛି । ଜାମ୍ମୁ କାଶ୍ମୀର ମିଳିତ ଆୱାମି କାର୍ଯ୍ୟ କମିଟି ଜେ.ଏ.ଏ.ସି. ସେମାନଙ୍କର ଦାବି ପୂରଣ ନେଇ ସରକାରଙ୍କୁ ୪୮ ଘଣ୍ଟାର ସମୟସୀମା ପ୍ରଦାନ କରିଛନ୍ତି । ଦାବି ସମ୍ପର୍କରେ କୌଣସି ନିଷ୍ପତ୍ତି ଗ୍ରହଣ କରାନଗଲେ ଆସନ୍ତା ୯ ତାରିଖରେ କମିଟି ପକ୍ଷରୁ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ଚେତାତବନୀ ଦିଆଯାଇଛି । ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜାରି ରହିଥିବା ଧାରଣା ଏବଂ ପ୍ରତିବାଦ ବଳବତ୍ତର ରହିବ ବୋଲି କମିଟି ଘୋଷଣା କରିଛି । ଆସନ୍ତା ୯ ତାରିଖରେ ହେବାକୁ ଥିବା ପ୍ରତିବାଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ କମିଟି ପକ୍ଷରୁ ପିଓକେ ବାସୀଙ୍କୁ ଆହ୍ୱାନ ଦିଆଯାଇଛି ।

ଅନ୍ୟ ପକ୍ଷରେ ପିଓକେ ଅଞ୍ଚଳରେ ପାକିସ୍ତାନ ସେନା ପକ୍ଷରୁ ଦମନମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ୬୦୦ରୁ ଅଧିକ ନାଗରିକ ଅଧିକାର କର୍ମୀଙ୍କୁ ଗିରଫ୍ ପ୍ରତିବାଦରେ ଆୟୋଜିତ ପ୍ରତିବାଦ ସଭାରେ ରବିବାର ପାକିସ୍ତାନ ସେନା ପକ୍ଷରୁ ଗୁଳିଗୋଳା ମାଡ଼ କରାଯାଇଥିବା ଜଣାପଡ଼ିଛି । ଯୋଗାଯୋଗ ବ୍ୟବସ୍ଥା ପୁନଃ ସ୍ଥାପନ, ଖାଦ୍ୟ ଏବଂ ଔଷଧର ନିରନ୍ତର ଯୋଗାଣ, ଅଟକ ନେତାଙ୍କୁ ମୁକ୍ତ କରିବା ଏବଂ ୩୮ ସୂତ୍ରୀ ଲିଖିତ ଚୁକ୍ତିନାମା କାର୍ଯ୍ୟକାରିବା ଦାବି ନେଇ ସେଠାରେ ପ୍ରତିବାଦ ଅନୁଷ୍ଠିତ ହୋଇଛି ।

## ଫିଫା

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ସ୍ପେନ୍ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ରାଉଣ୍ଡ ସିକ୍ସଟିନ୍ ମ୍ୟାଚ୍‌ରେ ସ୍ପେନ୍ ପର୍ତ୍ତୁଗାଲ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ଏହି ସଫଳତା ପାଇଛି । ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ମେକ୍ସିକୋକୁ ୩-୨ ଗୋଲ୍‌ରେ ପରାସ୍ତ କରି ଇଂଲଣ୍ଡ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି । ବ୍ରାଜିଲ୍ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି । ୫ ଥର ବିଶ୍ୱକପ୍ ବିଜେତା ଏହି ଦଳକୁ ନରଓ୍ୱେ ରାଉଣ୍ଡ ସିକ୍ସଟିନ୍ ପର୍ଯ୍ୟାୟ ମ୍ୟାଚ୍‌ରେ ୨-୧ ଗୋଲ୍‌ରେ କରିଛି । ଏହି ପରାଜୟ ବ୍ରାଜିଲ୍‌ର

ଖ୍ୟାତନାମା ଫୁଟବଲ୍ ଖେଳାଳି ନିୟେମାର୍ ଜୁନିୟର୍ ଆନ୍ତର୍ଜାତିକ ଫୁଟବଲ୍‌ରୁ ଅବସର ଘୋଷଣା କରିଛନ୍ତି ।

## କ୍ରିକେଟ୍

ଭାରତ-ଇଂଲଣ୍ଡ ମଧ୍ୟରେ ପୁରୁଷ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଆଜି ନଟିଂହାମ୍‌ର ଟେଣ୍ଟବ୍ରିଜ୍‌ଠାରେ ଖେଳାଯିବ । ଚଳିତ ୫ଟିକିଆ ସିରିଜ୍‌ର ଏହି ତୃତୀୟ ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟାରେ ଆରମ୍ଭ ହେବ । ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି । ପ୍ରଥମ ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଭାରତକୁ ୪ ୱିକେଟ୍‌ରେ ପରାସ୍ତ କରିଥିଲା ।

## ଆଇଏମ୍‌ଡି

ଗୁଜରାଟ, ସୌରାଷ୍ଟ୍ର, କଚ୍ଛ, ମଧ୍ୟ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଉପକୂଳ ଅଞ୍ଚଳରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଓଡ଼ିଶା ସମେତ ରାଜସ୍ଥାନ, ପଶ୍ଚିମ ଉତ୍ତରପ୍ରଦେଶ, ଉତ୍ତରପୂର୍ବାଞ୍ଚଳ ଏବଂ କେରଳମ୍, ମାହେ, ଝାଡ଼ଖଣ୍ଡ, ଜାମ୍ମୁ କାଶ୍ମୀର ଓ

ଲଦାଖ ଅଞ୍ଚଳରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।